# Akashvani, Sambalpur

## SAMBALPURI NEWS MORNING BULLETIN

## 19 June 2026 - 6.47- 6.52 am.

---

ରାଷ୍ଟ୍ରପତି- ପ୍ରଧାନ୍‌ମନ୍ତ୍ରୀ-ଓଡ଼ିଶା          ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏଜ୍‌ଠାନୁ ଦୁଇ ଦିନିଆ ଓଡ଼ିଶା ଗସ୍ତଥି ଆସୁଛନ୍ । ଇ ସମିଆଥି ରାଷ୍ଟ୍ରପତି ମୟୁର୍‌ଭଞ୍ଜ୍ ଜିଲ୍ଲା ରାଇରଙ୍ଗ୍‌ପୁର୍ ଯିବାର୍ ସହେତେ ଭୁବ୍‌ନେଶ୍ୱର୍ ଅଖିଲ୍ ଭାରତୀୟ ଆର୍ୟୁବିଜ୍ଞାନ୍ ସଂସ୍ଥାନ୍ - ଏମ୍ସ ତର୍‌ଫୁ ହେବାର୍‌କେ ଥିବାର୍ ଗୁଟେ ସ୍ୱାସ୍ଥ୍ୟ ଶିବିର୍‌ଥି ଯୋଗ୍ ଦେବେ । ଇତାର୍‌ଛଡ଼ା ରାଷ୍ଟ୍ରପତି ମୟୁର୍‌ଭଞ୍ଜ୍ ଜିଲ୍ଲାନ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବେ । ଆଏବା କାଏଲ୍ ରାଷ୍ଟ୍ରପତି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ସହେତେ ଗୁଟେ ସାଧାରଣ୍ କାର୍ଯ୍ୟକ୍ରମଥି ଯୋଗ୍ ଦେବେ । ରାଷ୍ଟ୍ରପତି ଆଉ ପ୍ରଧାନ୍‌ମନ୍ତ୍ରୀ ଦୁହେ ମିଶିକରି କେତେଟା ଉନ୍ନୟନ୍‌ମୂଳକ୍ ପ୍ରକଳ୍ପର୍ ଉଦ୍‌ଘାଟନ୍ ଆଉ ଭିତିପ୍ରସ୍ତର୍ ଥାପ୍‌ନା କର୍‌ବାର୍ ସହେତେ ଗୁଟେ ଜନସମାବେଶ୍‌ଥି ସମ୍ବୋଧନ୍ ଦେବେ ।

ପିଏମ୍ ଭି.ବି.ଆର୍.ୱାଇ       ଏନ୍ଏସ୍ଡି

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ନୂଆଦିଲ୍ଲୀ ନ ଗୁଟେ ଖାସ୍ କାର୍ଯ୍ୟକ୍ରମ୍‌ଥି ପ୍ରଧାନ୍‌ମନ୍ତ୍ରୀ ବିକାଶ୍ ଭାରତ୍ ରୋଜ୍‌ଗାର୍ ଯୋଜ୍‌ନା - ପିଏମ୍ ଭି.ବି.ଆର୍.ୱାଇ ଅଧୀନ୍‌ଥି ପାଖାପାଖି ୨ ହଜାର୍ ୪ ଶହ କୋଟି ଟଙ୍କାର୍ ପ୍ରୋତ୍ସାହନ୍ ଟଙ୍କା ଦେବେ । ସାରା ଦେଶେ ଏବ୍‌ତକ୍ ଇ ଯୋଜ୍‌ନା ଅଧୀନ୍‌ଥି ୧୫ ଲାଖ୍ ହିତାଧିକାରୀଙ୍କୁ ନିଯୁକ୍ତି ପାଏବାର୍ ଲାଗି ସାହାଜ୍ ମିଳିପାରିଛେ । ଯୋଜ୍‌ନା ଅଧୀନ୍‌ଥି ପହେଲାଥର୍ ଲାଗି କର୍ମଶକ୍ତିକେ ଯାଉଥିବା କର୍ମଚାରୀମାନ୍‌କୁ ୧୫ ହଜାର୍ ଟଙ୍କାତକ୍ ପ୍ରୋତ୍ସାହନ୍ ମିଲ୍‌ବା । ଇନ ଜନେଇ ଦିଆଯାଇପାରେ ଯେ, ଗଲାବଛର୍ ଅଗଷ୍ଟ ୧ ତାରିଖ୍ କାର୍ଯ୍ୟକାରୀ ହେଇଥିବା ଇ ଯୋଜ୍‌ନାଥି ମୋଟ୍ ୯୯ ହଜାର୍ ୪ ଶହ ୪୬ କୋଟି ଟଙ୍କା ର ବ୍ୟୟବରାଦ୍ କରାଯାଇଛେ ।

ରାଜ୍ୟପାଲ୍         ଆଇ ଆଣ୍ଡ୍ ପି.ଆର୍

ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି ଭୁବ୍‌ନେଶ୍ୱର୍ ନ ଥିବା ସିଆଇଇଇଟି ଆଉ ସିଟିଟିଏସ୍ ପରିଦର୍ଶନ୍ କରିକରି ଛାତ୍ରଛାତ୍ରୀ ମାନ୍‌କର୍ ଭିତ୍‌ରେ ଉଦ୍ୟୋଗୀ ମନୋଭାବ୍ ଆଉ ବିକାଶ୍ ଉପ୍‌ରେ ଜୋର୍ ଦେଇଛନ୍ । ସେ ଅଧ୍ୟାପକ୍ ଆଉ ଛାତ୍ରଛାତ୍ରୀମାନ୍‌କର୍ ସାଙ୍ଗେ ଆଲୋଚନା କରିକରି ଯୁଆନ୍ ପିଢ଼ିଙ୍କୁ ଚାକିରୀ ଖୁଜ୍‌ବାର୍‌ନୁ ଚାକିରୀ ବନଉଥିବା ଉଦ୍ୟୋଗୀ ହେବାର୍ ଲାଗି ପରାମର୍ଶ ଦେଇଥିଲେ । ପରିବେଶ୍ ସୁରକ୍ଷାକେ ନଜର୍‌ଥି ରଖିକରି ରାଜ୍ୟପାଲ୍ ଦୁହି ଅନୁଷ୍ଠାନ୍ ନ ବୈଦ୍ୟୁତିକ୍ ଗାଡ଼ି ବେଭାର୍‌କେ ତହଁକାବାର୍ ଆଉ କେମ୍ପସ୍ ନ ସୌର ପେନେଲ୍ ଥାପ୍‌ନା କରିକରି ଅକ୍ଷୟ ଶକ୍ତି ବେଭାର୍‌କେ ବଢ଼ାବାର୍ ଲାଗି ଆହ୍ୱାନ୍ ଦେଇଥିଲେ ।

୪ ଜି ମାବାଇଲ୍ ଟାୱାର୍        ଆଇ ଆଣ୍ଡ୍ ପି.ଆର୍

ରାଜ୍ୟର୍ ଭିତ୍‌ରିଆ ଆଉ ସେବାନୁ ବଂଚିତ୍ ଇଲାକା ନ ମୋବାଇଲ୍ ସଂଯୋଗ୍‌କେ ମଜ୍‌ବୁତ୍ କର୍‌ବାର୍ ଲକ୍ଷ୍ୟଥି ଡିଜିଟାଲ୍ ଭାରତ୍ ନିଧି ଜରିଏ ଶହେ ୭ ଟା ନୂଆଁ ଜାଗା ନ ୪ ଟା ମାବାଇଲ୍ ଟାୱାର୍ ଥାପ୍‌ନା କରାଯିବା । ଇଥିର୍‌ଲାଗି ରାଜ୍ୟ ସର୍‌କାର୍‌ଙ୍କର୍

ଇଲେକ୍ଟ୍ରୋନିକ୍ସ ଆଉ ସୂଚନା ପ୍ରଯୁକ୍ତି ବିଭାଗ୍‌ର ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ବିଶାଲ୍ କୁମାର୍ ଦେବ୍ ୨୫ ଟା ଜିଲ୍ଲାର୍ ଜିଲ୍ଲାପାଲ୍‌ଙ୍କୁ ଚିଠି ଲେଖିକରି ଜଲ୍‌ଦି ଫି' ଜାଗା ନ ୨୦ ବର୍ଗଫୁଟ୍ ସର୍‌କାରୀ ଜମି ଉପଲବ୍ଧ କରେଇକରି ବିଏସ୍‌ଏନ୍‌ଏଲ୍ ପଖିଆଥି ଏନ୍‌ଓସି ଦେବାର୍‌କେ ଅନୁରୋଧ୍ କରିଛନ୍ । ଏବ୍‌ତକ୍ ୨ ଶହ ୯୪ ଟା ଜାଗା ଲାଗି ଏନ୍‌ଓସି ମିଲିସାରିଛେ ଆଉ କାମ୍ ଭିଲ୍ ମୁଲ୍ ହେଇଛେ । ଭାରତ୍ ନେଟ୍ ପରିଯୋଜନା ୩ ନମ୍ବର୍ ଫେଜ୍ ଅଧିନ୍‌ଥି ଓଡ଼ିଶାର୍ ଗାଁ ଇଲାକାକେ ହାଇସ୍ପିଡ୍ ଇଂଟର୍‌ନେଟ୍ ଯୁଗେଇ ଦେବାର୍ ଲାଗି ଆଏବା ୩ ବଛ୍‌ରେ ପାଖାପାଖି ୪୦ କୋଟି ଟଙ୍କା ଖର୍ଚ୍ଚା କରାଯିବା ।

ଶୀତଲ୍‌ଷଷ୍ଠୀ          ସମ୍ବଲପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍‌ର ଶୀତଲ୍‌ଷଷ୍ଠୀ ଯାତ୍ରା ଅବ୍‌ସରେ ନନ୍ଦପଡ଼ାର ବମ୍‌ବରାଡ଼ ବାଲୁଙ୍କେଶ୍ୱର୍ ବାବା, ଝାଡ୍ତୁଆପଡ଼ାର ଲୋକନାଥ ବାବା ଆର୍ ମୁଦିପଡ଼ାର ଜାଗେଶ୍ୱର୍ ବାବାଙ୍କର୍ କନ୍ୟାପିତାଙ୍କର୍ ଘରେ ମା ପାର୍ବତୀଙ୍କର୍ ସଙ୍ଗେ ବୈଦିକ୍ ରୀତିନୀତି ସହେତେ

ବ୍ରାହ୍ମମୁହୂର୍ତଥି ବିହାଘର୍ ହେଇଯାଇଛେ । ଇତାର୍‌ଛଡ଼ା ସହରର୍ ବାଲିବନ୍ଧାର୍ ସୋମ୍‌ନାଥ ବାବା, ଠାକୁର୍‌ପଡ଼ାର୍ ଗୁପ୍ତେଶ୍ୱର୍ ବାବା, ବୁଢ଼ାରଜାର୍ କୋଶଲେଶ୍ୱର୍ ବାବା, ମହାମାୟା ଗୁଡ଼ିର ମହାକାଲେଶ୍ୱର୍ ବାବା ଆର୍ ଦୁର୍ଗାପାଲିର ଗୁଡ଼େଶ୍ୱର୍ ବାବାଙ୍କର୍ ବିହାଘର୍ ମା ପାର୍ବତୀଙ୍କର୍ ସାଙ୍ଗେ ହେଇଯାଇଛେ । ଗଲାରାତି ଦେବ ଦେବ ମହାଦେବ କନ୍ୟାପିତାଙ୍କର୍ ଘର୍‌କେ ବରାତି ଶୋଭାଯାତ୍ରାଥି  ପୁହୁଁଚିଥିଲେ । ଶୋଭାଯାତ୍ରା ସମିଆଥି ଶଙ୍ଖ, ଘଂଟ, ସମ୍ପର୍ଦା, ଦୁଲ୍‌ଦୁଲି ବାଜା ସଙ୍ଗେ କଲାକାର୍‌ମାନ୍‌କର୍ ନାଚ୍‌ଗୀତ୍‌ଥି ସମ୍ବଲ୍‌ପୁର୍ ସହର୍ ଉତ୍ସବମୁଖର୍ ଥିଲା । ଇ ବାବ୍‌ଦେ ଆମର୍ ସମ୍ବାଦଦାତାଙ୍କର୍ ଗୁଟେ ରିପୋର୍ଟ...

(ଭଏସ୍ ଓଭର୍- ଗୁଣମଣି ବିଶ୍ୱାଲ୍)

ବିଶ୍ୱ ସିକିଲ୍‌ସେଲ୍ ଦିବସ୍        ଆର୍‌ଏନ୍‌ୟୁ /ସମ୍ବଲପୁର

ଆଏଜ୍ ହେଉଛେ ବିଶ୍ୱ ସିକିଲ୍‌ସେଲ୍ ଦିବସ୍ । ଆନ୍ତର୍ଜାତିକ ସ୍ତରଥି ଗ୍ଲୋବାଲ୍ ଏଲାଏନ୍ସ ଅଫ୍ ସିକିଲ୍‌ସେଲ୍ ଡିଜିଜ୍

ଅର୍ଗାନାଇଜେସନ୍ ତର୍ଫୁ ଇ ରୋଗର୍ ସଚେତନତା ଲାଗି ଫି ବଛର୍ ଜୁନ୍ ୧୯ ତାରିଖ୍ ଦିନ ଇ ଦିବସ୍ ପାଲନ୍ କରାଯାଏସି । ବିଶ୍ୱ ସିକିଲ୍ସେଲ୍ ଦିବସ୍ର ଇ ବଛ୍ରର୍ ବାର୍ତା ହେଉଛେ 'ବଂଚ୍ବାର୍ ଲାଗି ବ୍ୟବଧାନ୍କେ କମ୍ କର୍ବାର୍: ସିକିଲ୍ସେଲ୍ ରୋଗ୍ଥି ସମାନତା' ।

ସିକିଲ୍ସେଲ୍ ଗୁଟେ ଏନ୍ତା ରୋଗ୍ ଆଏ, ଯେନ୍ଟା ମା'ବାପାର୍ ନୁ ଛୁଆମାନ୍କୁ ସଂକ୍ରମିତ ହେସି । ଇଥି ଲାଲ୍ ରକ୍ତକଣିକା ଅମ୍ଳଜାନ୍ ନଲୀକେ ପ୍ରଭାବିତ୍ କର୍ସି । ଦିହେ କୋଷମାନେ ଗୋଲ୍ ଆର୍ ନରମ୍ ଥିଲାବେଲ୍କେ ସେମାନ୍କୁ ସିକିଲ୍ସେଲ୍ ଦ୍ୱିତୀୟା ଜହ୍ନ ବାଗିର୍ ଆକାର୍ଥି ବଦ୍ଲେଇ ଦେସି ।

ସୁବର୍ଣ୍ଣପୁର୍ ଟେବୁଲ୍ଟପ୍ ଅଭ୍ୟାସ            ସୁବର୍ଣ୍ଣପୁର୍ ସମ୍ବାଦଦାତା

ଆଏବା ବର୍ଷା ସମିଆଥି ବନ୍ୟାର୍ ମୁକାବିଲା ଲାଗି ଗଲାକାଏଲ୍ ସୁବର୍ଣ୍ଣପୁର୍ ଜିଲ୍ଲାପାଲ୍ଙ୍କର୍ ସମ୍ମିଲନୀ କକ୍ଷ ନ ଜିଲ୍ଲାପାଲ୍ ଡକ୍ଟର୍ ନୃପରାଜ୍ ସାହୁଙ୍କର୍ ଅଧ୍ୟକ୍ଷତାଥି ଗୁଟେ ଟେବୁଲ୍ଟପ୍ ଅଭ୍ୟାସ୍ ହେଇଯାଇଛେ । ଜିଲ୍ଲାର୍ ସବୁ ବିଭାଗ୍ ଭାଗ୍ ନେଇକରି ବନ୍ୟା

ସମିଆଥି ମାନବ୍ ସମ୍ବଲ, ଯନ୍ତ୍ରପାତି ଆଉ ଉଦ୍ଧାର୍ ସାମଗ୍ରୀ ବାବ୍ଦେ ପ୍ରସ୍ତୁତି ଉପସ୍ଥାପନା ଦେଇଥିଲେ ।

ପାଣିପାଗ       ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛେ । କାଲ୍ବୈଶାଖୀର୍ ପ୍ରଭାବ୍ଥି ଭିନ୍ ଭିନ୍ ଜିଲ୍ଲା ନ ବର୍ଷାର୍ ସମ୍ଭାବନା ରହିଛେ । ଆଏବା ୨୪ ଘଂଟା ଭିତ୍ରେ ଚଡ଼କ୍ ମାରିକରି ବର୍ଷା ହେବା ବଲି ପାଖାପାଖି ସବୁ ଜିଲ୍ଲାକେ ଭୁବନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ । ସେଆଡ଼େ ଆଏବା ୩ ଦିନ୍ତକ୍ ଜବର୍ ଖରା ଲାଗି କେନ୍ଦ୍ର ତର୍ଫୁ ୧୪ ଟା ଜିଲ୍ଲାକେ ସତର୍କ କରାଯାଇଛେ ।